## ସିରିଜ ବାଇକ୍ ଚୋରି ଘଟଣା

# ୭ ଗିରଫ, ୧୬ ବାଇକ୍ ଉଦ୍ଧାର



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଟାଉନ ଥାନା ଅଞ୍ଚଳରେ ଗତ କିଛି ଦିନ ହେବ ସିରିଜ୍ ମୋଟର ସାଇକେଲ ଚୋରି ଘଟଣାରେ ପୋଲିସ ତିନି ନାବାଳକ ସମେତ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ଠାରୁ ୧୬ ଟି ଚୋରା ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଝାରସୁଗୁଡ଼ା ସରବାହାଲ ଅଞ୍ଚଳର ଲିଙ୍ଗରାଜ ବେହେରା (୨୦),ବରଗଡ଼ ଜିଲ୍ଲା ଲୋଇସିରା ଅଞ୍ଚଳ ର ଅଜିତ ବିଶ୍ୱାଳ(୨୨), ଝାରସୁଗୁଡ଼ା ଧର୍ମଶାଳା ଅଞ୍ଚଳ ର ଟିକୁ ଓରଫ ଅକ୍ଷୟ ବାଗ(୨୪) ଓ ବୁରୋମାଲ୍ ଅଞ୍ଚଳର କ୍ଷମା (୧୯) ସହ ତିନି ଜଣ ନାବାଳକ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରା ଯାଇଛି ବୋଲି ଟାଉନ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଉମାକାନ୍ତ ସିଂହ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନେ ଅନ୍ୟ କୌଣସି ଅପରାଧିକ ମାମଲାରେ ସମ୍ପୃକ୍ତି ଥିବା ନେଇ ପୋଲିସ ପକ୍ଷରୁ ତଦନ୍ତ ଅବ୍ୟାହତ ରହିଛି।

# ଶାନ୍ତିଶୃଙ୍ଖଳାର ସହ ହନୁମାନ ଜୟନ୍ତୀ ପାଳିତ : ସହରରେ ବ୍ୟାପକ ପୋଲିସ ମୁତୟନ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହରରେ ପବିତ୍ର ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନର କଟକଣା ଯୋଗୁଁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଶୋଭାଯାତ୍ରା କରାଯାଇନାହିଁ । ଏପରିକି ବାଇକ୍ ରାଲି ଓ ଆଖଡା ଖେଳ ମଧ୍ୟ ବନ୍ଦ ରହିଥିଲା । କେବଳ ବିଭିନ୍ନ ପଡାରେ ଥିବା ହନୁମାନ ପୀଠ ଗୁଡିକରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହୋଇଥିଲା । ବିଭିନ୍ନ ଛକ ଓ ବିଦ୍ୟୁତ ଖୁଣ୍ଟରେ ଗୈରିକ ଧ୍ୱଜ ଲଗାଯାଇଛି। ଏଥିସହ ଡାକବାଜି ଯନ୍ତ୍ର ଯୋଗେ ହନୁମାନ ଚାଳିଶା ପାଠ ଯୋଗୁଁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଜୟନ୍ତୀ ପୂର୍ବରୁ ମନ୍ଦିର ଗୁଡିକ ରଙ୍ଗ ଲଗାଯାଇଥିବା ବେଳେ ସମ୍ମୁଖରେ ତୋରଣ ଓ ଚାନ୍ଦୁଆ ବନ୍ଧା ଯାଇଛି। ମନ୍ଦିର ଗୁଡିକୁ ରଙ୍ଗିନ ଆଲୋକ ମାଳାରେ ସଜା ଯାଇଛି । ତେବେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ତତ୍ୱାବଧାନରେ ୨ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସ୍‌ପି, ୧୮ଜଣ ଇନ୍ସପେକ୍ଟର ସହ ୧୫ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ପାଟ୍ରୋଲିଂକୁ କଡାକଡି କରାଯାଇଥିବା ବେଳେ ସମସ୍ତ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସିଆରପିଏଫ୍ ଯବାନ ମୁତୟନ କରାଯାଇଛି ।

ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବୃନ୍ଦହିଲ ସ୍ଥିତ ଶ୍ରୀରାମ ମନ୍ଦିର ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା । ସଂନ୍ଧ୍ୟା ୭ଟାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧି ଦଳ ନେତା ଜୟନାରାୟଣ ମିଶ୍ର ଯୋଗ ଦେଇ ମହାଆଳତୀ କରିଥିଲେ । ଏଥିରେ ସମନ୍ୱୟ ସମିତି ସଭାପତି ସୁଧିର ବହିଦାର , ଗିରିଶ ପଟେଲ, ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପରେ ଆତଶବାଜୀ କାର୍ଯ୍ୟକ୍ରମ ହୋଇଥିଲା



। ସମସ୍ତଙ୍କ ମୁଖରେ ଜୟ ଶ୍ରୀରାମ ଧ୍ୱନୀ ମନ୍ଦିର ପରିସରକୁ ମୁଖରିତ ହୋଇଥିଲା। ବିଭିନ୍ନ ସଙ୍ଗଠନ ଓ ସଂସ୍ଥା ପକ୍ଷରୁ ପଣାର ବ୍ୟବସ୍ଥା କରାଯାଇଥିଲା । ସୂଚନାଯୋଗ୍ୟ, ଗତବର୍ଷ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଗତ ବାଇକ ଶୋଭାଯାତ୍ରା ବେଳେ ମୋତିଝରନ ନିକଟରେ ଏକ ଭିନ୍ନ ସଂପ୍ରଦାୟ ପକ୍ଷରୁ ରାଲି ଉପରକୁ ପଥରମାଡ କରାଯାଇଥିଲା । ଏଥିସହ ଧାରୁଆ ଅସ୍ତ୍ରରେ ଆକ୍ରମଣ ସହ ବାଇକ ଭଙ୍ଗାରୁଜା ଓ ପୋଡାଜଳା ଆଦି କରାଯାଇଥିଲା । ଏଥିରେ ବହୁ ପୋଲିସ କର୍ମଚାରୀ ସହ ହନୁମାନ ପ୍ରେମୀ ଆହତ ହୋଇଥିଲେ । ଏହାପରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ଦୋକାନ ଭଙ୍ଗାରୁଜା ସହ ପୋଡାଜଳା ପରିସ୍ଥିତି ଉପୁଜିଥିଲା । ଏପରିକି ସାମ୍ପ୍ରଦାୟିକ ହିଂସାରେ ସାନସିଙ୍ଗାରୀ ଗ୍ରାମର ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ମୃତ୍ୟୁ ହୋଇଥିଲା । ସେହିପରି ଭବାନୀପାଲିର ବିଶ୍ୱଜିତ୍ ଶିଖା ଗୁରୁତର ଆହତ ହୋଇଥିଲେ । ଏହାପରେ ସମ୍ବଲପୁର ସହର ଅଶାନ୍ତ ହୋଇ ପଡିଥିଲା । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ସହ ଇଣ୍ଟରନେଟ୍ ସେବା ଅଚଳ କରାଯାଇଥିଲା । ସାଂପ୍ରଦାୟିକତା ହିଂସା ଘଟଣାରେ ବହୁ ଲୋକଙ୍କୁ ପୋଲିସ ଗିରଫ କରିଥିଲା । ଏସବୁକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ହନୁମାନ ଜୟନ୍ତୀ ପୂର୍ବରୁ ଶାନ୍ତି କମିଟି ବୈଠକ ଡକାଯାଇଥିଲା । ଚଳିତବର୍ଷ ନିର୍ବାଚନ ଆଚରଣ ବିଧି ଲାଗୁ ସହ ବିଗତ ବର୍ଷ ସାଂପ୍ରଦାୟିକତା ହିଂସାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ବନ୍ଦ କରାଯାଇଥିଲା । ଏଥିସହ ପୂର୍ବରୁ ବାଇକ୍ ରାଲିକୁ ମଧ୍ୟ ପ୍ରଶାସନ ଅନୁମତି ଦେଇନଥିଲା । କେବଳ ମନ୍ଦିର ଓ ପଡା ଗୁଡିକରେ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରିବାକୁ ନିଷ୍ପତି ନିଆଯାଇଥିଲା ।

# ହରିଶଙ୍କର ଛକରେ ହନୁମାନ ଜୟନ୍ତୀ ପାଳିତ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ଛକ ଠାରେ ଥିବା ହନୁମାନ ମନ୍ଦିର ପରିସରରେ ବଜରଙ୍ଗ ବଲୀ ଟ୍ରଷ୍ଟ ତରଫରୁ ହନୁମାନ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ପୂଜା ପାଠ, ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସାତଜଣ କର୍ତ୍ତା ସସ୍ତ୍ରିକ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୂଜକ ରୂପେ ସହଦେବ ମିଶ୍ର ଓ ସନ୍ତୋଷ ମିଶ୍ର କାର୍ଯ୍ୟାମ୍ପାଦନ କରିଥିଲେ। ପରେ ରାମାୟଣ ସୁନ୍ଦରା କାଣ୍ଡ ପରାୟଣ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଣା ବଣ୍ଟନ ସହ ମାଗଣା ଅର୍ଣ୍ଣ ଭୋଗ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟ ସଭାପତି ପ୍ରମୋଦ କୁମାର ବାଗ, ସମ୍ପାଦକ ସଞ୍ଜୟ ବାରିକ, ଉପେନ୍ଦ୍ର ଭୋଇ, ଗୋପାଳ ମେହେର, ନିରାକାର ନିଆଲ, କାହ୍ନା ଥନାପତି, ପୁରନ୍ଦର ସାହୁ, ଅନ୍ତର୍ଯ୍ୟାମୀ ମିଶ୍ର, ସନ୍ତୋଷ ଗଡତ୍ୟା, ସୁଶାନ୍ତ ଦାଶ, ଆକାଶ ମଣ୍ଡଳ, ସୁଶାନ୍ତ ପଧାନ, ବାଲଗୋପାଳ ଦାଶ, ଜୟମଙ୍ଗଲ ରାଉତ ସମେତ ଟ୍ରଷ୍ଟର ସମସ୍ତ ସଦସ୍ୟ ସମେତ ଖପ୍ରାଖୋଲ, ଭେଲୁଆଁଖୋଲ୍, ଗୁଣ୍ଡୁରୁପାଲି, ଚାଉଳବାଞ୍ଜି, କପସିପାଳି ପ୍ରମୁଖ ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ବଲାଙ୍ଗିର : ଜିଲ୍ଲାସ୍ତରୀୟ ଡଃ ବି.ଆର୍. ଆମ୍ବେଦକର ଜୟନ୍ତୀ

ବଲାଙ୍ଗିର,(ସବ୍ୟୁ): ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ରବିବାର ପୂର୍ବାହ୍ନ ୮ ଘଟିକା ସମୟରେ ସ୍ଥାନୀୟ ବଲାଙ୍ଗିର ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଭାରତ ସମ୍ବିଧାନର ପ୍ରଣେତା ତଥା ଭାରତରତ୍ନ ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଜିଲ୍ଲାସ୍ତରୀୟ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ଦ୍ୱାରା ପ୍ରଶାସନ ତରଫରୁ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ସୂଚନା ଓ




ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ପୌରପରିଷଦ କର୍ମଚାରୀ ସହଯୋଗ କରିଥିଲେ ।

# ମଦ ନିଶାରେ ୮ ବର୍ଷର ପୁଅକୁ ପିଟି ହତ୍ୟାକଲା ମା'

ମାଲକାନଗିରି,(ସବ୍ୟୁ): ମଦ ଉଜାଡ଼ି ଦେଲା ସଂସାର। ମଦ ନିଶାରେ ୮ ବର୍ଷର ପୁଅକୁ ମା' ପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା କାଳିମେଳା ଥାନା ତୁମ୍ବାଗୁଡ଼ା ଗାଁରେ। ଶନିବାର ରାତି ପ୍ରାୟ ୧୧.୩୦ରେ ୱାଗି ପଡ଼ିଆମି ନାମକ ଜଣେ ମହିଳା ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲେ। ତାଙ୍କ ସ୍ୱାମୀ ମଧ ପ୍ରବଳ ମଦ ପିଇଥିଲେ। ୱାଗି ଘର ଭିତରେ ଶୋଇଥିବା ବେଳେ ତାଙ୍କ ସ୍ୱାମୀ ବାହାରେ ଶୋଇଥିଲେ। ଘର ଭିତରେ ୮ ବର୍ଷର ପୁଅ ମଧ ଥିଲା। ଦିନ ବେଳା ୮ ବର୍ଷୀୟ ରୋହିତ ବୁଲିବାକୁ ଯାଇଥିବାରୁ ମା' ୱାଗି ରାତି ବେଳା ତାଙ୍କୁ ଗାଳି କରିବା ଆରମ୍ଭ କରିଥିଲେ। ଏପରି କି ତାଙ୍କୁ ବିଧା ଗୋଇଠା ମଧ ମାରିଥିଲେ। ଏହାକୁ ୱାଗିଙ୍କ ସ୍ୱାମୀ ମୁକ ପଡ଼ିଆମି ବିରୋଧ କରିଥିଲେ। କିନ୍ତୁ ଉଭୟ ଏତେ ନିଶାରେ ଥିଲେ ଯେ କିଛି ବି ଜାଣି ପାରି ନଥିଲେ। ରୋହିତ ଚିତ୍କାର କରୁଥିଲେ ମଧ ୱାଗି ମାଡ଼ ମାରିବା ବନ୍ଦ କରି ନଥିଲେ । ତାଙ୍କୁ ସେ ଏମିତି ମାଡ଼ ମାରିଥିଲେ ଯେ ରୋହିତ ନିସ୍ତେଜ ହୋଇ ଯାଇଥିଲେ । ପୁଅ ଜୀବନ ଚାଲି ଯାଇଥିଲେ ମଧ ନିଶାରେ ଥିବା ମା' ୱାଗି କିମ୍ବା ଘର ବାହାରେ ଥିବା ମୁକ ପଡ଼ିଆମି କିଛି ବି ଜାଣି ପାରି ନଥିଲେ । ରବିବାର ସକାଳୁ ପୁଅ ନ ଉଠିବାରୁ ତା'ର ମୃତ୍ୟୁ ହୋଇ ସାରିଥିବା ତାଙ୍କ ବାପା ମୁକ ଜାଣିବାକୁ ପାଇଥିଲେ ।

ଏନେଇ ସେ ଗାଁରେ ଖବର ଦେଇଥିଲେଛ ଗାଁ ଲୋକଙ୍କ ନିର୍ଦ୍ଦେଶକ୍ରମେ ମୁକ ଏନେଇ କାଳିମେଳା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି। ସେହିପରି ୱାଗି ପଡ଼ିଆମିଙ୍କୁ ଥାନାକୁ ଆଣି ଅଟକ ରଖିଛି। ତେବେ ୱାଗି କିଛି କରି ନଥିବା ସଫେଇରେ କହିଛି । ସେ କହିଛନ୍ତି, ମୁଁ କିଛି ବି କରିନି। ପୁଅର ଦେହ ଭଲ ନଥିଲା। ମୁଁ ଖାଲି ତାକୁ ବାହାରେ ଅଧିକ ବୁଲୁ ଥିବାରୁ ଆକଟ କରିଥିଲି। ସେ ପାଣି ପିଇଲା ବେଳକୁ କଷ୍ଟ ହେଉଥିବା କହୁଥିଲା। ତାକୁ ସକାଳେ ଡାକ୍ତରଖାନା ନେବି ବୋଲି କହିଥିଲି। କିନ୍ତୁ ସକାଳ ୭ଟା ବେଳକୁ ତା'ର ମୃତ୍ୟୁ ହୋଇ ଯାଇଛି।

# ରେଳ ଷ୍ଟେସନରେ ଖଣ୍ଡା ଆକ୍ରମଣରେ ଦୋକାନୀ ଆହତ

କଣ୍ଟାବାଞ୍ଜି,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଖଣ୍ଡା ଆକ୍ରମଣରେ ଷ୍ଟେସନରେ ଦୋକାନ କରିଥିବା ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ପ୍ରଥମେ କିଛି ଯୁବକ ଦୋକାନୀଙ୍କ ପାଖକୁ ଆସି ବାକିରେ ଜିନିଷ ଦେବାକୁ କହିଥିଲେ। ସେ ମନା କରିବାରୁ ସେମାନେ ତାଙ୍କ ସହ ଗଣ୍ଡଗୋଳ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଦୋକାନୀ ଟେକଚନ୍ଦ ପୁଞ୍ଜି(ଗୁଡ୍ଡୁ) ଜିଆରପି ପୁଲିସ ନିକଟରେ ବିଧିବଦ୍ଧ ଭାବେ ଅଭିଯୋଗ କରିଛନ୍ତି। ଗୁଡ୍ଡୁଙ୍କ ଘର କଣ୍ଟାବାଞ୍ଜି ଆଶ୍ରମପଡ଼ାରେ। ସେ ଷ୍ଟେସନରେ ଦୀର୍ଘ ଦିନ ହେଲା ଦୋକାନ କରି ପରିବାର ଚଳାନ୍ତି। ଶନିବାର ବିଳମ୍ବିତ ରାତିରେ ୩ ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଗୁଡ୍ଡୁଙ୍କ ଦୋକାନ ପାଖରେ ପହଞ୍ଚିଥିଲେ। ସେମାନେ ଦୋକାନରୁ କିଛି ଜିନିଷ କିଣିଥିଲେ। ଏହାପରେ ଗୁଡ୍ଡୁ ସେମାନଙ୍କୁ ଟଙ୍କା ମାଗିଥିଲେ। ହେଲେ ସେମାନେ ଟଙ୍କା ଦେଇ ନଥିଲେ। ଏହାକୁ ସେ ବିରୋଧ କରିବାରୁ ସେମାନେ ତାଙ୍କ ସହ ଝଗଡ଼ା କରିଥିଲେ। ଏପରି ତାଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବର ପାଇ କଣ୍ଟାବାଞ୍ଜି ପୁଲିସ ଓ ଜିଆରପି ପୁଲିସ ତୁରନ୍ତୁ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପ୍ରଥମେ ସେମାନେ ଖଣ୍ଡା ଚୋଟରେ ଆହତ ଗୁଡ୍ଡୁଙ୍କୁ ହସ୍ପିଟାଲ ନେଇଥିଲେ। ଆଜି ସେ କଣ୍ଟାବାଞ୍ଜି ଜିଆରପି ପୁଲିସରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ୍ ଏବେ ଅଭିଯୁକ୍ତମାନଙ୍କୁ ଖୋଜିବା ଆରମ୍ଭ କରିଛି।

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଓକିଲଙ୍କ ମାଡ଼ !

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ବାଲାଜୀ ମନ୍ଦିର ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ କାମ କରୁଥିବା କର୍ମଚାରୀଙ୍କୁ ଜଣେ ଓକିଲ ମାରିପିଟ୍ କରିଥିବା ଅଭିଯୋଗ ହୋଇଛି । ଗତ ୪ତାରିଖ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ରଜତ ବେହେରା ନାମକ କର୍ମଚାରୀଙ୍କୁ ସ୍ଥାନୀୟ ଓକିଲ କ୍ଷୀରୋଦ ନେଗୀ ଓ ତାଙ୍କ ସାଥି ମାଡ଼ ମାରିବା ସହ ଜୀବନରେ ମାରିଦବେ ବୋଲି ଧମକ ଦେଇଥିଲେ। ମାଡ ମାରିବା ଘଟଣାର ସମସ୍ତ ଫୁଟେଜ ମଧ ସିସିଟିଭିରେ କଏଦ ହୋଇଛି। ରଜତ ପେଟ୍ରୋଲ ପମ୍ପ ଟଙ୍କା ହିସାବ କରି ରାତି ୧୦ଟାରେ ଘରକୁ ବାହାରିବାବେଳେ ଏକ ସ୍କୁଟିରେ କ୍ଷୀରୋଦ ଓ ତାଙ୍କ ସହଯୋଗୀ ଆସି ଜୋର ଜବରଦସ୍ତ ପମ୍ପ ଅଫିସ ଭିତରକୁ ପଶିଥିଲେ। ପରେ ସେମାନେ ରଜତଙ୍କୁ ବାହାରକୁ ଟାଣିଆଣି ଏକ ଧାରୁଆ ଛୁରିରେ ଆକ୍ରମଣ କରିବା ସହ ମାଡ଼ ମାରିଥିଲେ।ଏନେଇ ରଜତ ନତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରଜିତ ଗୁରୁତର ଆହତ ହୋଇଥିବା ଦର୍ଶାଇଛନ୍ତି। ଟାଉନ ଥାନା ପୁଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଟାଉନ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କୁ ପଚାରିବାରୁ ସମ୍ପୃକ୍ତ ଆଇନଜୀବୀ ଫେରାର ଥିବା କହିଛନ୍ତି।

# ଅଗ୍ନିଶମ ସପ୍ତାହ ଓ ଶହୀଦ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ପୋଲିସ ରିଜର୍ଭ ପଡ଼ିଆରେ ଓଡିଶା ଅଗ୍ନିଶମ ଓ ଜରୁରୀ କାଳୀନ ସେବା ଉତ୍ତରାଞ୍ଚଳ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ୮୦ତମ ଅଗ୍ନିଶମ ସପ୍ତାହ ଏବଂ ଶହୀଦ ଦିବସ ପାଳିତ ହୋଇଯାଇଛି । ପୋଲିସ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ଅମର ଶହୀଦଙ୍କ ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ । ଏଥିସହ ଦେଶ ସେବା ପାଇଁ କର୍ତ୍ତବ୍ୟ କରୁଥିବା ବେଳେ ପ୍ରାଣବଳୀ ଦେଇଥିବା ଅଗ୍ନିଶମ ସେବା କେନ୍ଦ୍ରର କର୍ମଚାରୀଙ୍କ ନାମ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ମଣ୍ଡଳ ଅଗ୍ନିଶମ ଅଧିକାରୀ ସଲିଲ ପ୍ରକାଶ କିଣ୍ଡୋ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ବସ୍ ଓଲଟି ୧୫ ଆହତ

ବରଗଡ଼,(ସବ୍ୟୁ): ଶ୍ରୀଜିଉଙ୍କ ଦର୍ଶନ ସାରି ଫେରୁଥିବାବେଳେ ଅଘଟଣ ଘଟିଛି। ବରଗଡ଼ର ପଦ୍ମପୁର ବୁଡେନ ଥାନା ଅନ୍ତର୍ଗତ ସୁଲିଆ ନିକଟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୧୫ ଜଣ ଯାତ୍ରୀ ଗୁରୁତର ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବସରେ ଥିବା ଯାତ୍ରୀ ମାନେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ପରେ ନୃସିଂହନାଥଙ୍କୁ ଦର୍ଶନ କରି ଛତିଶଗଡ଼ ବରୋଦା ଫେରିବାର କାର୍ଯ୍ୟକ୍ରମ ରହିଥିଲା । ତେବେ ସକାଳୁ ସକାଳୁ ବୁଡେନ ଥାନା ଅନ୍ତର୍ଗତ ସୁଲିଆ ନିକଟରେ ବସଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ବସରେ ୫୦ ଯାତ୍ରୀ ଥିବା କୁହାଯାଉଛି।

# ଅଭିଷେକ ସ୍ମାରକୀ କ୍ରିକେଟ : ସୁପର କିଙ୍ଗ ଚାମ୍ପିଅନ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ପଣ୍ଡିତ ଲକ୍ଷ୍ମୀନାରାୟଣ କ୍ରିକେଟ୍ କ୍ଲବ୍ ପକ୍ଷରୁ ୧୩ତମ ଅଭିଷେକ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଦୀପେନ୍ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭ ଉଦ୍ଘାଟନ କରିଥିଲେ। ପ୍ରତିଯୋଗିତାରେ ସୁପର କିଙ୍ଗ, ହିଟ୍ ସିକର, ଏଲୟନ୍ ସିସି ରିଟର୍ଣ୍ଣ, ଦେଶୀ ଲାୟନ୍, ମିଷ୍ଟ୍ରିୟଜ୍ ବଏଜ୍, ବ୍ଲାକ୍ ପେନ୍ଥର ଆଦି ୬ଟି କ୍ରିକେଟ୍ ଦଳ ଅଂଶଗ୍ରହଣ କରିଥିଲେ।

ଫାଇନାଲ ମ୍ୟାଚ୍ ସୁପର କିଙ୍ଗ୍ ଓ ହିଟ୍ ସିକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତେବେ ସୁପର କିଙ୍ଗ୍ ଦଳ ଚାମ୍ପିୟାନ ହୋଇଛି । ହିଟ୍ ସିକର ପ୍ରଥମ ଓ ମିଷ୍ଟ୍ରିୟଜ୍ ବୟେଜ୍ ଦ୍ୱିତୀୟ ରନର୍ସଅପ୍ ବିବେଚିତ ହୋଇଛନ୍ତି। ରୋଶନ ଖର୍ସେଲ୍ ମ୍ୟାନ ଅଫ୍ ଦି ସିରିଜ୍ ଅମିତ୍ ଯାଦବ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍, ରବି ରାୟ ଶ୍ରେଷ୍ଠ ଫିଲ୍ଡର, ଆଶିଷ ହାତୀ ଶ୍ରେଷ୍ଠ ବୋଲର ଏବଂ ଓଁକାରଙ୍କୁ ଉଦୟମାନ୍ ଖେଳାଳୀ ଭାବେ ପୁରସ୍କୃତ କରାଯାଇଥିଲା। ସାହିଲ୍, ଆଶିଷ, ସନ୍ଦୀପ, ରୋଶନ ମ୍ୟାଚ୍ ପରିଚାଳନା କରିଥିଲେ । ଏଥିରେ ତାପସ ପୂଜାରୀ, ସୁଶାନ୍ତ ମହାକୁଡ଼, ରିତେନ୍ ପଟ୍ଟନାୟକ, ଶୁଭମ୍ ରାଜହଂସ, ଚିତ୍ତରଞ୍ଜନ, ଆଶିଷ, ସୋନୁ ଛତର ପ୍ରମୁଖ ସହଯୋଗ କରିଥିଲେ ।

# ଦେଓମାଳି ଶିଖରରେ ଭୋଟର ସଚେତନତା ଅଭିଯାନ



କୋରାପୁଟ,(ସବ୍ୟୁ): ଗଣତନ୍ତ୍ରର ମହାପର୍ବ ନିର୍ବାଚନ ପରିପ୍ରେକ୍ଷୀରେ ଅଧିକରୁ ଅଧିକ ସଂଖ୍ୟକ ଭୋଟର ସାମିଲ ହୋଇ ନିଜର ମତ ସାବ୍ୟସ୍ତ କରିବା ପାଇଁ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଭି. କିର୍ତ୍ତୀଭାସନ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ରାଜ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଭୋଟର ନିଜର ମତ ସାବ୍ୟସ୍ତ କରିବା ଅଧିକାରକୁ ଅଭିନବ ଉପାୟରେ ଜିଲା ପ୍ରଶାସନ ପକ୍ଷରୁ ସଚେତନତାର ବାର୍ତ୍ତା ମାଧ୍ୟମରେ ଆହ୍ୱାନ ଦିଆଯାଇଛି । ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତ ତଥା ରାଜ୍ୟର ଉଚ୍ଚତମ ଶୃଙ୍ଗ ପର୍ଯ୍ୟଟନ ସ୍ଥଳୀ ଦେଓମାଳି ଶିଖରରୁ ଏହି ପ୍ରୟାସ ଆରମ୍ଭ ହୋଇଛି ।

ନିର୍ବାଚନ ତାରିଖ ଘୋଷଣା ପରଠାରୁ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକ ପ୍ରଶାସନ ନିଜ ନିଜ ଅଞ୍ଚଳରେ ଭୋଟରଙ୍କୁ ମତଦାନର ମହାନତା ଓ ମୂଲ୍ୟ ସମ୍ପର୍କରେ ସଚେତନତା କରାଇ କାର୍ଯ୍ୟକ୍ରମ ଜାରି ରଖିଥିଲେ । ଭୋଟରଙ୍କୁ ସଚେତନତାର ଅନ୍ତିମ ଦିନରେ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଏହି ଅଭିନବ ପ୍ରୟାସ ମାଧ୍ୟମରେ ଦେଓମାଳି ପର୍ବତ ଉପରେ ଜିଲାର ସମସ୍ତ ସରକାରୀ କର୍ମଚାରୀ, ଅଧିକାରୀ ସ୍ଥାନୀୟ କଲେଜ ଛାତ୍ରୀଛାତ୍ର ଓ ଥୁରିଆ ବିଦ୍ୟାଳୟର ଶିକ୍ଷୟିତ୍ରୀ/ଶିକ୍ଷକ ଏକତ୍ରିତ ହୋଇ ନିର୍ବାଚନରେ କିପରି ନିଜ ନିଜର ମତଦାନ ସାବ୍ୟସ୍ତ କରି ଦେଶର ସମ୍ମାନ ବଜାୟ ରଖିବା ବାର୍ତ୍ତା ଲେଖି ଭୋଟରଙ୍କୁ ସଚେତନତାର ଆହ୍ୱାନ ଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ଏଡିଏମ୍ ଲଗ୍ନଜିତ ରାଉତ, ଏଡିଏମ୍ ଆଲୋମଣି ସେଠୀ, ଉପଜିଲାପାଳ ବେଣୁଧର ଶବର, ଜୟପୁର ଉପଜିଲାପାଳ ପ୍ରଭାତ ପରିଡ଼ା, କୋରାପୁଟ ବିଡ଼ିଓ ଦେବାଶିଷ ଗୈଡ , ସେମିଳିଗୁଡା ବିଡ଼ିଓ ଜସମିନ ପ୍ରଧାନ, ପଟାଙ୍ଗି ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ, ପଟାଙ୍ଗି ତହସିଲଦାରର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଏପିଓ ସୌମେନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଜିଲାପାଳ ଭି କିର୍ତ୍ତୀଭାସନଙ୍କ ସମେତ ସରକାରୀ ଅଧିକାରୀ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଦେଓମାଳି ଶିଖରକୁ ଯାଇଥିଲେ।

# ସଂଗଠିତ ଚୋରି ଘଟଣାର ଅଭିଯୁକ୍ତ ଗିରଫ, ଚୋରି ସାମଗ୍ରୀ ଉଦ୍ଧାର

ସୋନପୁର/ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅନ୍ତର୍ଗତ ମେଣ୍ଡା ଗ୍ରାମରେ ହୋଇଥିବା ଏକ ବଡ ଧରଣର ଚୋରି ଘଟଣାର ପର୍ଦ୍ଦାଫାସ କରିଛି ତରଭା ପୋଲିସ । ଚୋର ମାନଙ୍କୁ ଧରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଛି । ଏ ସମ୍ବନ୍ଧରେ ତରଭା ଥାନାରେ ଶନିବାର ସାମ୍ବାଦିକ ସମ୍ମିଳନୀରେ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ସମସ୍ତ ସୂଚନା ଦେଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଚଳିତ ମାସ ୫ ତାରିଖ ମୋନାଲିସା କର ମେଣ୍ଡା ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ବାପାଙ୍କ ଚିକିତ୍ସା ପାଇଁ ସେ ଓ ତାଙ୍କ ପରିବାର ଗତ ବର୍ଷ ଅକ୍ଟୋବର ମାସରୁ ଭୁବନେଶ୍ୱରରେ ରହିଥିବାରୁ ଏହି ସମୟରେ ତାଙ୍କ ମେଣ୍ଡା ସ୍ଥିତ ଘରଟି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ତାଙ୍କ ଘରର ସମସ୍ତ ସୁନା, ରୂପା



ଅଳଙ୍କାର, ପିତ୍ତଳ ସାମଗ୍ରୀ ତଥା ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ଚଳିତ ମାସ ୪ ତାରିଖ ଘରକୁ ଫେରିବା ପରେ ସେ ଘରର ବିଭିନ୍ନ ସାମଗ୍ରୀ ନ ପାଇ ତରଭା ପୋଲିସକୁ ଖବର ଦେଇଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ କେଶ ନମ୍ବର ୧୩୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋନପୁର ଏସପି ୟସପ୍ରତାପ ଶ୍ରୀମାଲଙ୍କ ନିର୍ଦ୍ଦେଶରେ ଏସଡ଼ିପିଓ ପ୍ରତାପଚନ୍ଦ୍ର ତ୍ରିପାଠୀ,ଇନ୍ସପେକ୍ଟର ରମେଶ ମାହାଣା,ତରଭା ଆଇଆଇସି ଅନିତା କିଡୋ,ମେଣ୍ଡା ଫାଣ୍ଡି ଅଧିକାରୀ ରବୀନ୍ଦ୍ର ସାହୁଙ୍କୁ ନେଇ ଗଠିତ ଟିମ ତଦନ୍ତ ଆରମ୍ଭ କରି ୭ ତାରିଖ ଏହି ଘଟଣାରେ ପ୍ରଥମେ ମେଣ୍ଡା ଗ୍ରାମର ଦୁଇ ଭାଇ ଅଶୋକ ଫାରିକର (୪୯) ଓ ଶଙ୍କର ଲାଲ ଫାରିକର (୫୨) ଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଶନିବାର ଆଉ ଦୁଇଜଣ ଅଭିଯୁକ୍ତ ବରୁଣ ପଧାନ (୨୬) ଓ ସୋନୁ ମେହେର (୨୯)ଙ୍କୁ ପୋଲିସ ଗିରଫ କରିଛି। ଏହା ସହ ସାଗରପାଲି ଗ୍ରାମର ଯୋଗେଶ ସାଥୁଆ(୩୦), ମେଣ୍ଡା ଗ୍ରାମର ବଶିଷ୍ଠ ମେହେର(୫୦), ରଞ୍ଜିତ ଦାସ(୪୩), ଭୋଲା ଫରିକାର(୫୫)ଙ୍କୁ ଚୋରି ସାମଗ୍ରୀ ରଖିଥିବା ଓ କିଣିଥିବା ଅଭିଯୋଗରେ ଗିରଫ କରିଛି। ଶନିବାର ସମସ୍ତ ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।ଏହା ସହ ଚୋରି ହୋଇଥିବା ପ୍ରାୟ ୫ ଭରି ସୁନା ଅଳଙ୍କାର, ରୂପା ଅଳଙ୍କାର, ଅନେକ ପିତ୍ତଳ ସାମଗ୍ରୀ ସହ ୩୭ ହଜାର ଟଙ୍କା ପୋଲିସ୍ ଉଦ୍ଧାର କରିଛି । ଏକ ପୁରୁଣା ଚୋରି ଘଟଣାର ପର୍ଦ୍ଦାଫାସ ସହ ଚୋର ମାନେ ଧରା ପଡ଼ିଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତି ଲାଭ କରିଛନ୍ତି। ଏହି ଅବସରରେ ଗତ ଜାନୁୟାରୀ ମାସରେ ପୁଆ-ଦେଉଳପଦର ପୋଲରୁ ମିଳିଥିବା ଅଜଣା ମହିଳାଙ୍କ ଶବ ବିଷୟରେ ସାମ୍ବାଦିକ ମାନେ ଏସଡିପିଓଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ହତ୍ୟାର ଶିକାର ହୋଇଥିବା ମହିଳାଙ୍କ ପରିଚୟ ମିଳିନାହିଁ ବୋଲି କହିଥିଲେ। ହେଲେ ପୋଲିସ ଏହି କେଶକୁ ବନ୍ଦ କରିନାହିଁ ତଦନ୍ତ ଚାଲିଛି । ମହିଳାଙ୍କ ପରିଚୟ ଓ ହତ୍ୟାକାରୀ ଧରା ପଡିବେ ବୋଲି କହିଥିଲେ।

# ଖପ୍ରାଖୋଲରେ ବିରଳ ପେଚା ଉଦ୍ଧାର



ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଗାଁ ତଳିପଡ଼ାରୁ ଜଣକ ଘର ବାଡରୁ ଏକ ବିରଳ ପେଚା ବନବିଭାଗ ଦ୍ୱାରା ଉଦ୍ଧାର ହୋଇଛି। ସୂଚନା ଅନୁସାରେ ଶନିବାର ରାତିରେ ଏକ ବିରଳ ପେଚା ଜଗନ୍ନାଥ ବାଗଙ୍କ ଘର ବାଡରେ ବସିଥିବା ବେଳେ ଉଡ଼ିବାରେ ଅକ୍ଷମ ଥିବା ଜାଣି ବନ ବିଭାଗକୁ ଖବର ଦେଇଥିଲେ। ଏନେଇ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ଖବର ପାଇଁ କର୍ମଚାରୀ ପଠାଇ ପେଚାକୁ ଉଦ୍ଧାର କରି ବନବିଭାଗ କାର୍ଯ୍ୟାଳୟକୁ ନେଇ ସୁସ୍ଥ ପରେ ଜଙ୍ଗଲରେ ଛାଡି ଦେଇଥିବା ଜଣାଯାଇଛି।

# ଭିତ୍ତିଭୂମି ଅଛି, ଡ଼ାକ୍ତର ନାହାଁନ୍ତି

# ୨୧୭ ଡାକ୍ତର ପଦବୀ ଖାଲି

କୋରାପୁଟ,(ସବ୍ୟୁ): ଡାକ୍ତରଖାନା କୋଠା ଚକାଚକ୍। ଅତ୍ୟାଧୁନିକ ଯନ୍ତ୍ରପାତି ମଧ ମହଜୁଦ । ମାଗଣା ଔଷଧ ସହ ସମସ୍ତ ପରୀକ୍ଷାନିରୀକ୍ଷା ଲାଗି ଫାର୍ମାସିଷ୍ଟ ଓ ଷ୍ଟାଫ୍ ନର୍ସଙ୍କୁ ମିଳିଛି ନିଯୁକ୍ତି । ଅଥଚ ରୋଗ ନିରୂପଣ ପାଇଁ ନାହାନ୍ତି ଡାକ୍ତର। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠୁ ଆରମ୍ଭ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସବୁଠି ଡାକ୍ତର ମରୁଡ଼ି। ଏମବିବିଏସ୍, ଆସିଷ୍ଟାଣ୍ଟ ସର୍ଜନ, ବିଶେଷଜ୍ଞଙ୍କୁ ଛାଡ଼ିଲେ ଆୟୁଷ ଡାକ୍ତରଙ୍କ ସ୍ଥିତି ମଧ ଜିଲ୍ଲାରେ ଚିନ୍ତାଜନକ। ବାରମ୍ବାର ଦାବି ସତ୍ତ୍ୱେ ଡାକ୍ତର ନିଯୁକ୍ତି ହୋଇପାରୁନଥିବାରୁ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି କୋରାପୁଟ ଜିଲ୍ଲାବାସୀ।

କୋରାପୁଟ ଜିଲ୍ଲାରେ ଗୋଟିଏ ସରକାରୀ ମେଡିକାଲ କଲେଜ, ଗୋଟିଏ ଜିଲ୍ଲା ଚିକିତ୍ସାଳୟ, ୧୬ଟି ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୪ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର, ୪୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୩୦୭ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। ଜିଲ୍ଲାରେ ଏବେ ୧୨ଲକ୍ଷ ଅଧିବାସୀ ବସବାସ କରୁଛନ୍ତି । ଜନସଂଖ୍ୟା ସହ ରୋଗୀଙ୍କ ସଂଖ୍ୟା ମଧ ଦିନକୁ ଦିନ ବୃଦ୍ଧି ପାଉଛି। ମେଡିକାଲ୍ କଲେଜ ଓ ଜିଲ୍ଲା ଚିକିତ୍ସାଳୟକୁ ଦୈନିକ ପ୍ରାୟ ୨୦୦୦ ରୋଗୀଙ୍କ ଆଗମନ ହେଉଛି। ୧୮୦୦ ରୋଗୀ ଆଡମିଟ୍ ହେଉଥିବା ବେଳେ ୨୦୦ ରୋଗୀ ଚିକିତ୍ସିତ ହୋଇ ଫେରୁଛନ୍ତି। ୨୦୨୩-୨୪ ବର୍ଷର ଡିସେମ୍ବର ମାସ ସୁଦ୍ଧା ୫୦ହଜାର ୭୦୦ ରୋଗୀ ଚିକିତ୍ସା ସୁବିଧା ପାଇଛନ୍ତି। ୨୦୨୨-୨୩ରେ ୬୦ ହଜାର, ୨୦୨୧-୨୨ରେ ୭୦ ହଜାର ଓ ୨୦୨୦-୨୧ରେ ୬୫ ହଜାର ରୋଗୀ ଚିକିତ୍ସିତ ହୋଇଛନ୍ତି।

ଡାକ୍ତର ମରୁଡ଼ି ସତ୍ତ୍ୱେ ଏତେ ସଂଖ୍ୟକ ରୋଗୀଙ୍କ ଚିକିତ୍ସା କିପରି ହେଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାରେ ୫୬୯ଟି ଡାକ୍ତର ପଦବିକୁ ସରକାର ମଞ୍ଜୁର କରିଛନ୍ତି। ସେଥି ମଧ୍ୟରୁ ୩୫୨ ଡାକ୍ତର କାର୍ଯ୍ୟରତ ଅଛନ୍ତି। ୨୧୭ ଡାକ୍ତର ପଦବି ଖାଲି ପଡ଼ିଛି। ସେହିପରି ଜିଲ୍ଲାରେ ୬୦ ଆୟୁଷ ଡାକ୍ତର କାର୍ଯ୍ୟ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅନୁମତି ଦେଇଛି। ହେଲେ ମାତ୍ର ୧୧ ଆୟୁଷ ଡାକ୍ତର କାର୍ଯ୍ୟ କରୁଛନ୍ତି। ଦୀର୍ଘ ବର୍ଷ ହେଲା ୫୦ ପଦବି ଖାଲି ପଡ଼ିଛି। ନିୟମିତ ଚାକିରି ସହ ଅନ୍ୟାନ୍ୟ ନ୍ୟାଯ୍ୟ ଦାବି ପୂରଣ ଦିଗରେ ସରକାର ଅବହେଳା କରୁଥିବାରୁ ଏହି ଜିଲ୍ଲାକୁ ଆୟୁଷ ଡାକ୍ତର ଆସିବାକୁ ନାରାଜ। କାର୍ଯ୍ୟରତ ୧୧ ଆୟୁଷ ଡାକ୍ତରଙ୍କ ମଧ୍ୟରୁ ୩ ଜଣ ସିଏଚସିରେ ଓ ୮ ଜଣ ପିଏଚସି ରେ ନିଯୁକ୍ତ ହୋଇଛନ୍ତି। ଡାକ୍ତର ଓ ଆୟୁଷ ଡାକ୍ତର ପଦବି ପୂରଣ ପାଇଁ ରାଜ୍ୟସ୍ତରୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଛନ୍ତି ବା ଛାଡ଼ି ଦେଇଥିବା ବେଳେ ମତ୍ସ୍ୟଜୀବୀମାନେ ଦାଦନ ଖଟିଯିବାକୁ ବାଧ ହେଉଥିବା ସ୍ଥାନୀୟ ଲୋକେ କହୁଛନ୍ତି।

# ବଲାଙ୍ଗିର ଗସ୍ତରେ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଳ ସିଂ ତୋମାର

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହର ନିକଟ ପଥରଚେପା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ବଲାଙ୍ଗିର ଲୋକସଭା ଓ ବିଧାନସଭା ସାଙ୍ଗଠନିକ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଳ ସିଂ ତୋମାର ଯୋଗଦେଇଥିଲେ। ଏହି ସାଙ୍ଗଠନିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଜିଲ୍ଲା ବିଜେପି ସଭାପତି ଶିବାଜୀ ମହାନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ମାନସ ମହାନ୍ତି. ଲୋକସଭା ରାଜ୍ୟ ବିସ୍ତାରକ ପ୍ରଦୀପ୍ତ କୁମାର ରାୟ । ବଲାଙ୍ଗିର ଲୋକସଭା ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ଲୋକସଭା ସଂଯୋଜକ ଦୀନେଶ ଶର୍ମା. ବଲାଙ୍ଗିର ସାଂସଦ ସଂଗୀତା ସିଂଦେଓ. ବରିଷ୍ଠ ବିଜେପି ନେତା ଓ ପାଟଣାଗଡ଼ ବିଜେପି ବିଧାନସଭା ପ୍ରାଥୀ କନକ ବର୍ଦ୍ଧନ ସିଂଦେଓ, ବଲାଙ୍ଗିର ବିଜେପି ବିଧାନସଭା ପ୍ରାର୍ଥୀ ଗୋପାଳଜି ପାଣିଗ୍ରାହୀ ଉପସ୍ଥିତ ଥିଲେ। ବଲାଙ୍ଗୀର ଓ ସୁବର୍ଣପୁର (ସୋନପୁର ) ଲୋକସଭା ଓ ବିଧାନସଭାର ବିଜେପି କାର୍ଯ୍ୟକର୍ତା ଶହ ଶହ ସଂଖ୍ୟାରେ ଯୋଗଦେଇଥିଲେ। ସାଙ୍ଗଠାନିକ ବୈଠକରେ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ବିଧାନ ସଭା ବିଜେପି ପ୍ରାଥୀ ମାନେ ଯୋଗ ଦେଇଥିଲେ।

# ନବବର୍ଷରେ ନୂତନ ପଞ୍ଜିକା ପୂଜନ

ସିନାପାଲି,(ସବ୍ୟୁ): ରବିବାର ନୂଆପଡ଼ା ଜିଲ୍ଲା ସିନାପାଲି ସ୍ଥିତ ଗଣ୍ଡୱନା ଭବନ ଠାରେ ଅଖିଳ ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଗବେଷଣା କେନ୍ଦ୍ର, ଓଡ଼ିଶା,(ଭାରତ) ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଉପଲକ୍ଷେ ୮୭ଜଣ ଜ୍ୟୋର୍ତିର୍ବିଦ୍ ଉପସ୍ଥିତ ରହି ନୂତନ ପଞ୍ଜିକା ପୂଜନ ଓ ପାଠ କରାଯାଇଥିଲା । ସମସ୍ତ ଜ୍ୟୋର୍ତିର୍ବିଦ୍‌ଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଅଖିଳ ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଗବେଷଣା ଅଧ୍ୟକ୍ଷ ଡଃ ଅର୍ଜୁନ ଶାସ୍ତ୍ରୀ ଉପସ୍ଥିତ ରହିବା ସଙ୍ଗେ ସେ ନିଜେ ପଞ୍ଜିକା ପାଠ କରିଥିଲେ । ଏହା ସହିତ ବିଶଦ ଭାବେ ବୁଝାଇଥିଲେ ତଥା ଏହି ବର୍ଷ କେଉଁ ପଞ୍ଜିକା ରେ ୧୩/୦୪/୨୦୨୪ ଶନିବାର ଦିନ ପଣାସଂକ୍ରାନ୍ତି ଲେଖା ଅଛି ତ କେଉଁ ପଞ୍ଜିକା ରେ୧୪/୦୪/୨୦୨୪ରବିବାର ଦିନ ପଣାସଂକ୍ରାନ୍ତି ଲେଖା ଅଛି । ଏହି ତଥ୍ୟକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରମାଣମତେ ତଥା ସେ ନିଜେ ମଧ ସିଦ୍ଧାନ୍ତ ଦର୍ପଣ ମତେ ଗଣନା କରି ସନ୍ଦେହକୁ ଖଣ୍ଡନ କରିଥିଲେ । ଯେଉଁ ଦିନ ଶ୍ରୀମନ୍ଦିର ପ୍ରଶାସନ ୧୪/୦୪/୨୦୨୪ ରବିବାର ଦିନକୁ ପଣା ସଂକ୍ରାନ୍ତି ସିଦ୍ଧ କରିଥିଲେ । ସେହିଦିନ ହିଁ ଶ୍ରୀ ଶାସ୍ତ୍ରୀ ମଧ ସିଦ୍ଧ କରିଥିଲେ । ସେହି ୧୪/୦୪/୨୦୨୪ ରବିବାରକୁ ହିଁ ପଣା ସଂକ୍ରାନ୍ତି ପାଳିତ କରାଗଲା ତଥା ଏହି ବର୍ଷ କାର୍ତ୍ତିକ ମାସରେ ପଞ୍ଚୁକ ୫ଦିନ ସ୍ଥାନେ ୪ଦିନ ହେଉଛି । ଶ୍ରୀଜିଉଙ୍କ ଅଣସର୧୫ଦିନ ସ୍ଥାନରେ ୧୩ଦିନ ପଡୁଛି ।ଏ ବିଷୟରେ ମଧ ଆଲୋଚନା କରିଥିଲେ । ଏଥିରେ ସିନାପାଲି ବ୍ଲକ ସଭାପତି ଉଗ୍ରସେନ ମାଝୀ, ଉପସଭାପତି ବନବିହାରୀ ଦାସ,ଦାମୋଦର ନିନ୍ଦ, ଭୁତନାଥ ମାଝୀ, ସମ୍ପାଦକ ଜ୍ୟୋତି ପ୍ରକାଶ ସୁପକାର, ଯୁଗ୍ମସଂପାଦକ ଭୁବନେଶ୍ବର ଜାଳ, ଧନସିଂ ମାଝୀ ନାରାୟଣ ସା,କୋଷାଧ୍ୟକ୍ଷ ବୈକୁଣ୍ଠ ସା ଉପସ୍ଥିତ ଥିଲେ । ପଞ୍ଜିକା ପୂଜନ ପ୍ରମୋଦ ଯୋଶୀ ପୂଜନ କରି ଥିଲେ ।

# ଉତ୍ତିଷ୍ଠତର କଳାହାଣ୍ଡିରେ ହଜି ଯାଉଥିବା ଲୋକକଳା

ଭବାନୀପାଟଣା,(ସବ୍ୟୁ): ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରେରଣାଦାୟୀ ନିରବଚ୍ଛିନ୍ନ ବକ୍ତୃତା ମାଳା ଉତ୍ତିଷ୍ଠତର ୧୫୩ତମ ଆଲୋଚନା ଚକ୍ରରେ କଳାହାଣ୍ଡିରେ ହଜି ଯାଉଥିବା ଲୋକକଳା ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି କର୍ଣ୍ଣେଲ ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କର ସଭାପତିତ୍ୱରେ ଆୟୋଜିତ ଉକ୍ତ ବକ୍ତୃତା ମାଳାର ନିମନ୍ତ୍ରିତ ବକ୍ତାଭାବେ ବିଶିଷ୍ଟ ଗବେଷକ ଅଧ୍ୟାପକ ଡ଼.ଅଜିତ କୁମାର ବେହେରା ଯୋଗଦେଇ କଳାହାଣ୍ଡିରେ ଲୁପ୍ତ ହେଉଥିବା ଲୋକକଳାକୁ ବଞ୍ଚାଇବାକୁ ସମସ୍ତେ ଉଦ୍ୟମ କରିବାପାଇଁ ଆହ୍ୱାନ ଦେଇଥିଲେ । ଆବାହକ ମେଜର ଡ. ଜୟଦେବ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଆଭାସୀ ବକ୍ତୃତା ମାତ୍ରାରେ କୁଳସଚିବ ପିତାମ୍ବର ଭୋଇ କାର୍ଯ୍ୟକ୍ରମର ଉଦେଶ୍ୟ, ସୁଶ୍ରୀ ଲିପ୍ସା ମହାରଣା ସ୍ୱାଗତ ସଂଗୀତ, ଅତିଥି ଅଧ୍ୟାପକ ସୁବ୍ରତ ମାଝୀ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନେହା ରଥ ଧନ୍ୟବାଦ ଅର୍ପଣ ଓ ସହ ପ୍ରଫେସର ଡୋଳାମଣି ଧାରୁଆ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ବୁଦ୍ଧିଜୀବୀ, ପ୍ରଫେସର,ସହ ପ୍ରଫେସର, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ

କୋକସରା,(ସବ୍ୟୁ): ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ୧୪ ଅପ୍ରେଲରୁ ୨୦ ଅପ୍ରେଲ ପର୍ଯ୍ୟନ୍ତ ରାଜ୍ୟରେ ପାଳନ କରାଯାଉଥିବା ବେଳେ କୋକସରା ବ୍ଲକ ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ କୋକସରା ସହର ପରିକ୍ରମା କରି ଅଗ୍ନି ନିରାପତ୍ତା ସୁରକ୍ଷା ବିଷୟରେ ଜନ ସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ମନୋଜ ବିଶ୍ୱାଳ, ବାସୁଦେବ ଭୋଇ, ସତ୍ୟମ ମାଝୀ, ଲଳିତ ପୁଟେଲ, ରାଧେଶ୍ୟାମ ପ୍ରଧାନୀ, ଗିରିଧାରୀ ଦଣ୍ଡସେନା କାର୍ଯ୍ୟକ୍ରମରେ ସାମିଲ ରହିଥିଲେ।

# ବିଜେପିରେ ଗୋଷ୍ଠୀ କନ୍ଦଳ




ସୋନପୁର,(ସବ୍ୟୁ): ପଦାରେ ପଡିଲା ବିଜେପି ଅନ୍ତଃ କନ୍ଦଳ। ବିଜେପି ଟିକେଟ ପାଇଥିବା ନେତାଙ୍କୁ ଦଳୀୟ କର୍ମୀ ଓ ନେତାଙ୍କ ତୀବ୍ର ବିରୋଧ। ବିଦ୍ରୋହର ସ୍ୱର ଏବେ ଦାଣ୍ଡରେ ପଡ଼ି ହାଟରେ ଗଡିବା ଆରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ପାର୍ଟିରେ ଗୋଷ୍ଠୀ କନ୍ଦଳ ଜଳ ଜଳ । ବିଜେପି ଟିକେଟ ଆସାୟୀ ଥିବା ଆନନ୍ଦ ବାରୀକ ଗୋଷ୍ଠୀ ଟିକେଟ ପାଇ ଥିବା ରଘୁନାଥ ଜଗଦଳାଙ୍କ ବିରୋଧରେ ମୁହଁ ଖୋଲିବା ସହିତ ରାଜ୍ୟ ନେତୃବର୍ଗଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିବାଦ ଆରମ୍ଭ କରିଛନ୍ତି । ରଘୁଙ୍କ ଟିକେଟ କାଟି ତାଙ୍କୁ ଟିକେଟ ଦେବାକୁ ତାଙ୍କ ସମର୍ଥକମାନେ ଦାବି କରିଥିଲେ । ୨୦୧୪ ମସିହାରେ ବିଜେପି ଟିକେଟ ପାଇ ହାରିଥିବା ଆନନ୍ଦ ବାରିକ ଗୋଷ୍ଠୀ ଶନିବାର ଶତାଧିକ ସଂଖ୍ୟାରେ ବଲାଙ୍ଗିର ଯାଇ ଓଡିଶା ପ୍ରଭାରୀଙ୍କୁ ଭେଟିବା ସହ ରଘୁନାଥଙ୍କ ଟିକେଟ ଫେରେଇ ନେଇ ତାଙ୍କୁ ଦେବାକୁ ଦାବି କରିଛନ୍ତି । ବୀରମହାରାଜପୁରରେ ଆମେ ବିଜେପିର ମୂଳଦୁଆ ପକାଇ ଥିବା ବେଳେ ଅନ୍ୟମାନେ ଟିକେଟ ପାଇବେ ଏହା ଚଳିବ ନାହିଁ ବୋଲି ସେମାନେ କହିଛନ୍ତି । ଯଦି ଆନନ୍ଦଙ୍କ କଥା ଓଡିଶା ପ୍ରଭାରୀ ନଶୁଣନ୍ତି ଓ ଟିକେଟ ନମିଳେ ତାହେଲେ ଆଗାମୀ ଦିନରେ ରଘୁନାଥଙ୍କୁ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଆନନ୍ଦ ବାରିକ ଗୋଷ୍ଠୀ ।

# ବିଜେଡି ଛାଡ଼ିଲେ ରାଜ୍ୟ ସମ୍ପାଦକ ସରୋଜ ସାହୁ

ନୂଆପଡ଼ା,(ସବ୍ୟୁ): ନିର୍ବାଚନ ଯେତିକି ପାଖେଇ ଆସୁଛି ଦଳ ବଦଳ ମଧ୍ୟ ସେହି ପରିମାଣରେ ବଢ଼ିବାରେ ଲାଗିଛି । ସେହିପରି ଦଳର ବିଜେଡ଼ି ଦଳର ଜଣେ ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକ ସରୋଜ ସାହୁ ଇସ୍ତଫା ଦେଇଛନ୍ତି । ଶ୍ରୀ ସାହୁ ନିଜ ପଦବୀ ସହ ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି । ସରୋଜ କୁମାର ସାହୁ କେବଳ ଯେ ରାଜନେତା ନୁହଁନ୍ତି । ଜଣେ କ୍ରୀଡ଼ାବିତ ଓ ସଂଗଠକ ଭାବେ ବେଶ ପରିଚିତ ।

ସାମ୍ବାଦିକ ସମ୍ମିଳନୀ କରି ନିଜର ଇସ୍ତଫା ସମ୍ପର୍କରେ ଘୋଷଣା କରିଛନ୍ତି। ବିଜେଡିରେ ତାଙ୍କୁ ଅଣଦେଖା କରାଯାଉଥିଲା। ଦଳ ତାଙ୍କ ସହ ବିଶ୍ୱାସଘାତକତା କରି ଥିବା ସେ ଅଭିଯୋଗ କରି ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି, ବିଜେଡିର ନୂଆପଡା ବିଧାୟକ ତଥା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ମୋତେ ବ୍ୟବହାର କରି ଫିଙ୍ଗି ଦେଲେ। ଏହା ମୋତେ କଷ୍ଟ ଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ବିଜେଡିରେ ସାମିଲ ହୋଇଥିଲି। କିନ୍ତୁ ବିଗତ ୬ ବର୍ଷ ହେଲା ବିଜେଡିରେ ମୁଁ ଥିଲେ ମଧ ଶ୍ରୀ ଢୋଲକିଆ ମୋତେ ଧୋକା ଦେଲେ। ତେଣୁ ମୁଁ ବିଜେଡିର ରାଜ୍ୟ ସମ୍ପାଦକ ଓ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଉଛି। ଶ୍ରୀ ଢୋଲକିଆ ବ୍ୟାପକ ଦୁର୍ନୀତିରେ ସାମିଲ। ତାଙ୍କ ବିରୋଧରେ ଆମେ ଷ୍ଟ୍ରାଇକ ଠାରୁ ଆରମ୍ଭ କରି ସାମ୍ବାଦିକ ସମ୍ମିଳନୀ କରିଥିଲୁ। ଏ ସମ୍ପର୍କରେ ଆମେ ହାଇକମାଣ୍ଡଙ୍କୁ ମଧ ଜଣାଇଥିଲୁ। ତଥାପି ଆମ କଥା କେହି ବି ଶୁଣିଲେ ନାହିଁ।ତେଣୁ ମୁଁ ବାଧ ହୋଇ ବିଜେଡିରୁ ଇସ୍ତଫା ଦେଇଛି। କେବଳ ମୁଁ ନୁହେଁ, ଅନେକ ବିଜେଡି ନେତା ଓ କର୍ମୀ ମଧ ଦଳ ଛାଡ଼ିଛନ୍ତି। ଆଗାମୀ ରଣନୀତି ସମ୍ପର୍କରେ ମୁଁ ଖୁବଶୀଘ୍ର ଘୋଷଣା କରିବି ବୋଲି ସୂଚନା ଦେଇଛନ୍ତି ଶ୍ରୀ ସାହୁ ।

# ଶାଳ ଚଉକାଠ ଜବତ, ୩ ଗିରଫ

କନ୍ଧମାଳ,(ସବ୍ୟୁ): କନ୍ଧମାଳ ରେଞ୍ଜ ଅଧୀନ ବରପଦର ସେକ୍ସନ ଅନ୍ତର୍ଗତ ପଲସାଗୁଡ଼ା ଗ୍ରାମ ନିକଟରୁ ଏକ ଟ୍ରାକ୍ଟର ରେ ଚାଲାଣ କରାଯାଉଥିବା ୬୦ଖଣ୍ଡ ଶାଳ ଚଉକାଠକୁ ବନବିଭାଗ ଜବତ କରିଛି । ଏହା ସହ ଟ୍ରାକ୍ଟର ଜବତ କରାଯିବା ସହ ସମ୍ପୃକ୍ତ ୩ଜଣ ଆସାମୀଙ୍କୁ ଗିରଫ କରିଛି । ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଜଙ୍ଗଲ ରେ ଲାଗୁଥିବା ନିଆଁକୁ ଆୟତ କରିବା ପାଇଁ ବିଭାଗ ପକ୍ଷରୁ ପେଟ୍ରୋଲିଂକୁ କଡାକଡି କରାଯାଇଥିଲା । ଏକ ଟ୍ରାକ୍ଟର ଯୋଗେ ଟ୍ରାକ୍ଟର ଟ୍ରଲିରେ ୬୦ଖଣ୍ଡ ଶାଳ ଚଉକାଠ ଲୋଡ କରି ତା ଉପରେ ଚିପ୍ସ ଲୋଡ କରି ଆଣୁଥିବା ସମୟରେ ବନ ବିଭାଗ ହାବୁଡ଼ରେ ପଡିଥିଲା । ବନବିଭାଗ କର୍ମଚାରୀମାନେ ସନ୍ଦେହକରି ଟ୍ରାକ୍ଟର ତଲାସୀ କରିବାରେ ୬୦ଖଣ୍ଡ ଶାଳ ଚଉକାଠ ପାଇଥିଲେ । ଟ୍ରାକ୍ଟର ସହ ୬୦ଖଣ୍ଡ ଶାଳ ଚଉକଠକୁ ବନବିଭାଗ ଦ୍ୱାରା ଜବତ କରାଯାଇଥିଲା । ଗିରଫ ୩ ଆସାମୀ ହେଲେ ଅଶ୍ୱିନୀ କବାଟ, ବିନୋଦ ସେଠି ଓ ରଞ୍ଜନ ମହାକୁଡ଼ । ଏହି ଚଢାଉରେ କନ୍ଧମାଳ ରେଞ୍ଜର, ବରପଦର୍ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ଓ ସ୍କ୍ୱାର୍ଡ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

# ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ଜମନକିରା,(ସବ୍ୟୁ):ଭାରତ ରତ୍ନ ଭୀମ ରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ କୁଚିଣ୍ଡା ସ୍ଥିତ ଶ୍ରମିକ ଭବନରେ ପାଳିତ ହୋଇ ଯାଇଛି । ସୁରୁମଣି ସୁନାନୀଙ୍କ ପରିଚାଳନାରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଶିକ୍ଷବିତ୍ତ ଓ ସମାଜସେବୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ସମ୍ବଲପୁର ଜିଲ୍ଲା ଜଙ୍ଗଲ ବିଭାଗ ର ଏ.ସି.ଏଫ. ଯଶୋବନ୍ତ କରାଳୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବାବା ସାହେବଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପରେ ଆଲୋଚନା କରିବା ଶହ ଶିକ୍ଷାର ବିକାଶ ମଧ୍ୟମର ସମାନତା ପ୍ରତିଷ୍ଠା ହୋଇ ପାରିବ ବୋଲି ମତ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବୁର୍ଲାର ସନ୍ତୋଷ ଛୁରା, ଶ୍ରଦ୍ଧାକର ଜୟପୁରିଆ, କେଦାରନାଥ ଲୁହା, ଭୁଦେବ ମହାନନ୍ଦିଆ, ଲିଙ୍ଗରାଜ ମହାନନ୍ଦ ଓ ସ୍ୱେଚ୍ଛାସେବୀ ଝରଣା ମହାନନ୍ଦ ବାବା ସାହେବ ଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଶେଷରେ ଜୟ ନାରାୟଣ ଛୁରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଟିକୁ ସୁରଭି ମହାନନ୍ଦ,ଧର୍ଯ୍ୟଧର ସୁନାନୀ,ନିରଞ୍ଜନ ଜାମୁଡାଳିଆ,ଦୁଃଖ ବନ୍ଧୁ ବନଛୋର ପ୍ରମୁଖ ଆୟୋଜନର ପ୍ରମୁଖ ଭୂମିକା ନେଇଥିଲେ।

# ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ସମ୍ବଲପୁର,(ସବ୍ୟୁ): ରାଷ୍ଟ୍ରୀୟ ସ୍ବୟଂସେବକ ସଂଘ ସମ୍ବଲପୁର ଶାଖା ପକ୍ଷରୁ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ମୁଦିପଡା ସ୍ଥିତ ଆମ୍ବେଦକର ପ୍ରତିମୂର୍ତ୍ତି ସମ୍ମୁଖରେ ସମବେତ ହୋଇ ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ସ୍ବୟଂସେବକ ସଂଘର ସମ୍ବଲପୁର ମହାନଗରର ସଂଘ ଚାଳକ ଦୀପକ କୁମାର ପଣ୍ଡା ଆମ୍ବେଦକରଙ୍କୁ ଯୁଗ ପୁରୁଷ ରୂପେ ବର୍ଣ୍ଣନା କରିଥିଲେ। ମାନବୀୟ ମୂଲ୍ୟବୋଧ ଓ ଏକତା ତଥା ପରସ୍ପର ଶ୍ରଦ୍ଧା ଏବଂ ସମ୍ମାନ ବଜାୟ ରଖି ଅସମ୍ଭବକୁ ସମ୍ଭବରେ ପରିଣତ କରିବା ପାଇଁ ଆମ୍ବେଦକର ଆମକୁ ପ୍ରେରିତ କରିଛନ୍ତି। ଏହି ଆହ୍ୱାନକୁ ଅଧିକରୁ ଅଧିକ କାର୍ଯ୍ୟକାରୀ କରିବା ଦିଗରେ ଆମେ ସକ୍ରିୟତାର ସହ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ । ଏଥିରେ ମହାନଗର ସଦ୍ଭାବନା ପ୍ରମୁଖ ଅମିତାଭ ପ୍ରଧାନ, ମହାନଗର ସମରସତା ପ୍ରମୁଖ ଗୁରୁଦୀପ ଗିଲ, ବିଷ୍ଣୁ ପାତ୍ର, ଶଙ୍କର ପଣ୍ଡା, ରାମକୃଷ୍ଣ ନାୟକ, ପ୍ରଫୁଲ୍ଲ ସାହୁ, ଦେବରାଜ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ହୀରାକୁଦ ଓ ବୁର୍ଲା ସହିତ ବିଭିନ୍ନ ଶାଖାରେ ମଧ ଆମ୍ବେଦକର ଜୟନ୍ତୀ ପାଳନ କରାଯାଇଛି।

# ସ୍ୱୟଂସେବକ ସଂଘ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ




ବୌଦ୍ଧ,(ସବ୍ୟୁ): ଭାରତ ସମ୍ବିଧାନ ରଚୟିତା ଡ. ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତି ରବିବାର ସହରର ବାପୁଜୀ ନଗର ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା। ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ନବୀନ ବାବା ଓ ସମ୍ମାନିୟ ବକ୍ତାଭାବେ ସ୍ଥାନିୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ଓ ତାଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ସଂପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ପ୍ରଚାର ପ୍ରମୁଖ ରଘୁନାଥ ଷଡଙ୍ଗୀ ସାମୁହିକ ସଂଗୀତ ଗାନ କରିଥିଲେ ଓ ମଂଚ ପରିଚାଳନା କରିଥିଲେ । ଶେଷରେ ଶାନ୍ତିପାଠ କରାଯାଇ କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା । ଏହି ଅବସରରେ ସକାଳେ ସଂଘର ସମସ୍ତ କର୍ମକର୍ତ୍ତା କଚେରୀଛକ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ପଣା ପାନକରିଥିଲେ ।

# ମଧୁସୂଦନପୁରରେ ଜନ୍ମ ନେଲା ଅଦ୍ଭୁତ ବାଛୁରୀ

ହରଭଙ୍ଗା,(ସବ୍ୟୁ): ହରଭଙ୍ଗା ବ୍ଲକ୍ ର ମଧୁସୁଦନପୁର୍ ଗ୍ରାମର ଦୁର୍ଯ୍ୟୋଧନ ଦଳ ବେହେରାଙ୍କ ଗାଈ ଜନ୍ମ ଦେଇଛି ଏକ ଅଦ୍ଭୁତ ବାଛୁରୀ । ଗାଈ ଟି ଜନ୍ମ ଦେଇଥିବା ବାଛୁରୀ ଛୁଆ ଦେଖିବାକୁ ମାଙ୍କଡ଼ର ମୁହଁ ଭଳି ଦେଖାଯାଉଥିବା ବେଳେ । ତେବେ ଏହି ବାଛୁରୀ ଛୁଆର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ତେବେ ବିଳମ୍ବିତ ରାତି ହୋଇଥିବାରୁ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ ପହଂଚି ପାରିନାହାନ୍ତି। ସୋମବାର ସକାଳେ ପହଂଚି ବାଛୁରିର ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି ସୂଚନା ମିଳିଛି।

# ଛତିଶଗଡ଼ର ଦାଦାଗିରି : ଅସ୍ତିତ୍ୱ ହରାଉଛି କେଲୋ ନଦୀ

ଝାରସୁଗୁଡ଼ା,(ସବ୍ୟୁ): ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦର ସମାଧାନ ହେଉନ। ଏବେ ପୁଣି ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଥିବା ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ୧୯ ଖଣ୍ଡ ମୌଜାର ଜୀବନରେଖା କୁହାଯାଉଥିବା କେଲୋ ନଦୀକୁ ପ୍ରଦୂଷିତ କରିବା ସହ ଶୁଷ୍କ କରିଦେଇଛି ଛତିଶଗଡ଼ । ରାଜ୍ୟ ସରକାରଙ୍କ ଆଖିରେ ଧୂଳି ଦେଇ ଛତିଶଗଡ଼ ସରକାର ଓଡ଼ିଶା ସୀମାରୁ ଅଳ୍ପ ଦୂରରେ କେଲୋ ନଦୀରେ ଦୁଇ ଦୁଇଟି ପ୍ରକଳ୍ପ ନିର୍ମାଣ କରିଥିବା ବେଳେ ଚଳିତ ଗ୍ରୀଷ୍ମରୁ ରାୟଗଡ଼ ଜିଲ୍ଲା ଭାଥେନ୍ପାଲି ବ୍ୟାରେଜ୍ କାର୍ଯ୍ୟକ୍ଷମ ମଧ ହେଲାଣି। ଭାଥେନ୍ପାଲି ଅଞ୍ଚଳରୁ କେଲୋ ନଦୀରେ ନିର୍ମିତ ଏହି ବ୍ୟାରେଜର ଚିତ୍ର ଆସିଛି । ଏହା ଉପରେ ନିର୍ଭରଶୀଳ ୫ଟି ପଞ୍ଚାୟତର ଲୋକଙ୍କ ଚିନ୍ତା ବଢ଼ିଯାଇଛି ।

ଛତିଶଗଡ଼ର କେଲୋ ଡ୍ୟାମ୍ ଯୋଗୁ ଅଣମୌସୁମୀ ଋତୁରେ ଓଡ଼ିଶା ଦେଇ ପ୍ରବାହିତ କେଲୋ ନଦୀରେ ପ୍ରାୟ ମରୁଭୂମି ପାଲଟିଛି । ଏବେ ପୁଣି ଭାଥେନପାଲି ବ୍ୟାରେଜ୍ କାର୍ଯ୍ୟକ୍ଷମ ହୋଇଯାଇଥିବାରୁ କେଲୋ ନଦୀରେ ଜଳ ପ୍ରବାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ନଦୀର ଗତିପଥ ମଧ ପରିବର୍ତ୍ତନ ହେବା ନେଇ ଆଶଙ୍କା କରିଛନ୍ତି ସୀମାନ୍ତ କନକତୋରା ପଞ୍ଚାୟତ ଲୁହାବଗାର ବାସିନ୍ଦା । ସ୍ଥାନୀୟ ଭାଥେନ୍ପାଲିରେ ଗତବର୍ଷଠାରୁ ବ୍ରିଜ୍ ଓ ବ୍ୟାରେଜ୍ ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ଏବେ ଶେଷ ହୋଇଛି। ଏବେ ଏହି ବ୍ରିଜ୍ ରାୟଗଡ଼ ଜିଲ୍ଲା ନୂଆପାଲି ଓ ଭାଥେନପାଲିକୁ ସଂଯୋଗ କରୁଛି। ଉପରେ ଲୋକଙ୍କ ପାଇଁ ଯାତାୟାତର ବ୍ୟବସ୍ଥା କରାଯାଇଥିବା ବେଳେ ବ୍ରିଜ ତଳେ ବ୍ୟାରେଜ୍ ନିର୍ମାଣ ହୋଇଛି। ଯେଉଁଠି କେଲୋ ଡ୍ୟାମରୁ ବୋହି ଆସୁଥିବା ଜଳ ସଂରକ୍ଷଣ କରାଯାଉଛି। ନଦୀରେ ଆସୁଥିବା ପାଣିର ୮୦ ପ୍ରତିଶତ ବ୍ୟାରେଜରେ ପଶି ଯାଉଥିବା ବେଳେ ଅଳ୍ପ ପାଣି ଓଡ଼ିଶା ପଟକୁ ଆସୁଛି। ଏହି ପ୍ରକଳ୍ପରୁ ମାତ୍ର ଦେଢ଼ କିମି ଦୂରରେ ନେତନାଗରଠାରେ ଆଉ ଏକ ଜଳ ସଂରକ୍ଷଣ ପ୍ରକଳ୍ପ ତଥା ଆନିକଟ ନିର୍ମାଣ ଆରମ୍ଭ ହୋଇଛି। ୬.୮୯ କୋଟି ଟଙ୍କାରେ ନିର୍ମାଣ ହେଉଥିବା ଏହି ଆନିକଟ ୨୬୦ ହେକ୍ଟର ଜମିକୁ ଜଳସେଚିତ କରିବ ବୋଲି ଛତିଶଗଡ଼ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କିନ୍ତୁ ଯାନ୍ତ୍ରିକ ସମସ୍ୟା ଯୋଗୁ ବର୍ତ୍ତମାନ ସୁଦ୍ଧା ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନି। ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ନେତନଗର ସମେତ ନାଭାପାଲି, ବିଞ୍ଜକୋଟ, ଏକଟାଲ, ରେଙ୍ଗାଲପାଲି ଚାଷୀଙ୍କ ସୁବିଧା ହେବ ବୋଲି କୁହାଯାଉଛି।

ଗୋଟିଏ ପଟେ ଛତିଶଗଡ଼ ସରକାର ଓଡ଼ିଶା ଦେଇ ପ୍ରବାହିତ ହେଉଥିବା ନଦୀଗୁଡ଼ିକ ଉପରେ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ କରି ଜଳ ସଂରକ୍ଷଣ କରୁଥିବାରୁ ଅଣମୌସୁମୀ ଋତୁରେ ବି ସେଠାକାର ଜଳାଶୟରେ ପାଣି ଲହଡି ଭାଙ୍ଗୁଛି। ଅନ୍ୟପଟେ ଓଡ଼ିଶା ପଟର ଚିତ୍ର ଭିନ୍ନ ରହିଛି। ଏକଦା ଝାରସୁଗୁଡ଼ା ଜିଲ୍ଲା। ଲୁହାବଗା, ଅମାପାଲି, ବଡ଼ଧରା,କୁଶମେଲ ପଞ୍ଚାୟତର ଜୀବନରେଖା କୁହାଯାଉଥିବା ଏହି କେଲୋ ନଦୀରେ ମରୁଭୂମି ଭ୍ରମ ସୃଷ୍ଟି ହେଉଥିବା ବେଳେ ଏହି ନଦୀ ଉପରେ ନିର୍ଭରଶୀଳ ଲୋକେ ନିଜର ଜୀବନଜୀବିକା ହରାଇ ସାରିଲେଣି। ଚାଷୀ ଚାଷ କର

# ଝାରସୁଗୁଡ଼ାରେ ବିଜେଡ଼ିର ମିଶ୍ରଣ ପର୍ବ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ବିଜୁ ଜନତା ଦଳ ପକ୍ଷରୁ ଏକ ହୋଟେଲରେ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା । ବରିଷ୍ଠ ନେତା ତାପସ ରାୟ ଚୌଧୁରୀ ମିଶ୍ରଣପର୍ବକୁ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ବିଧାୟିକା ସୁଶ୍ରୀ ଦିପାଳୀ ଦାସ ଓ ଜିଲ୍ଲା ସଭାପତି ରବି ସିଂ,ପୌର ପରିଷଦ ଅଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେନୁଗୋପାଲ ପାଣିଗ୍ରାହୀ, ହରିଶ ଗଣତ୍ରା, ପିଣ୍ଟୁ ପାଢ଼ି, ପି ରାମ ମୋହନ ରାଓ , ସୂର୍ଯ୍ୟକାନ୍ତି ମହାପାତ୍ର, ନାଗେଶ୍ୱରି, ଜୟ ପ୍ରକାଶ କୁଆଁର, ତୁଳସୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଛବି ଓ ଶାସନ ତଥା ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝାରସୁଗୁଡ଼ା ଜିଲ୍ଲା ନୂତନ ନିର୍ମାଣ ଓ ବର୍ତ୍ତମାନ ବିଧାୟିକା ଦିପାଳୀ ଦାସଙ୍କ ୮ ମାସର ଉନ୍ନତି ମୂଳକ କାର୍ଯ୍ୟରୁ ପ୍ରେରିତ ହୋଇ ଶତାଧିକ ମହିଳା, ପୁରୁଷ ବିଜେଡ଼ିରେ ସାମିଲ ହୋଇଥିଲେ । ପୌରାଞ୍ଚଳର ନେତ୍ରୀ ରୁବୀନା ଖାନ ଦଳରେ ସାମିଲ ହୋଇଥିଲେ । ସେ ତାଙ୍କ ସାଥିରେ ୫୦ରୁ ଊର୍ଦ୍ଧ ବିଜେପି କର୍ମୀଙ୍କୁ ଆଣି ବିଜେଡିରେ ସାମିଲ କରିଛନ୍ତି । ଏହା ସହ ଏହି ମିଶ୍ରଣ ପର୍ବରେ ବିଭିନ୍ନ ୱାର୍ଡର ରୁବିନା ଖାଁ ଓ ରବି ରଞ୍ଜନ ରାୟଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ କର୍ମୀ ବିଜେଡ଼ିରେ ଯୋଗଦାନ କରିଛନ୍ତି ।

